# Akashvani, Sambalpur

## SAMBALPURI NEWS BULLETIN

### 26 June 2025- 6.47- 6.52 am.

*******************************************

ନବଯୌବନ ଦର୍ଶନ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଗଲା ୧୫ ଦିନ ହେଲା ଅଣସର୍ ଘରେ ରହିବା ଉତ୍‌ରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ଆଉ କେତେ ସମିଆ ଉତ୍‌ରୁ ଆଏଜ୍ ଭକ୍ତମାନ୍‌କୁ ଶ୍ରୀମନ୍ଦିରର ଅଣସର୍ ପିଣ୍ଡି ନ ନବଯୌବନ୍ ବେଶଥି ଦର୍ଶନ୍ ଦେବେ । ଶ୍ରୀମନ୍ଦିର ନ ଆଏଜ୍ ପାରମ୍ପରିକ ରୀତିନୀତିଥି ନେତ୍ରୋତ୍ସବ ପାଳନ କରାଯିବା ।  ଇ ବାବ୍‌ଦେ ଆମର୍ ପୁରୀ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ପୁରୀ ସମ୍ବାଦଦାତା)

ଓଡ଼ିଶା ପର୍ଯ୍ୟଟନ୍ କନ୍‌କ୍ଲେଭ୍-ରାଜ୍ୟପାଲ୍        I&PR

ପର୍ଯ୍ୟଟନ୍ ହେଉଛେ ସବୁନୁ ଜୀବନ୍ତ ଆଉ ବଡ଼ ସମ୍ଭାବ୍ୟ କ୍ଷେତ୍ର ଭିତ୍‌ରୁ ଗୁଟେ । ଯେନ୍‌ଟା ଅର୍ଥନୈତିକ୍ ଅଭିବୃଦ୍ଧିର୍ ଗୁଟେ ମୁଖିଆ ସାଧନ୍ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍

ଭୁବ୍‌ନେଶ୍ୱର୍ ଠାନେ ଓଡ଼ିଶା ପର୍ଯ୍ୟଟନ୍ କନ୍‌କ୍ଲେଭ୍‌ର ୬ ନମ୍ବର୍ ସଂସ୍କରଣ୍‌ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଓଡ଼ିଶାକେ ବିଶ୍ୱସ୍ତର୍ ନ ଗୁଟେ ପ୍ରଶଂସିତ୍ ପର୍ଯ୍ୟଟନ୍ ସ୍ଥଲୀ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍ I&PR

ଜୁନ୍ ମାସୁ ଅକ୍ଟୋବର୍ ମାସ୍‌ତକ୍ ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀର୍ ପ୍ରଭାବ୍ ରହୁଥିବାର୍‌ନୁ ଇ ସମିଆଥି ବନ୍ୟା ଆଉ ଜବର୍ ବର୍ଷା ଲାଗି ଧନ୍‌ଜୀବନ୍ ନୁକ୍‌ସାନ୍ ହେଉଛେ । ହେଥିର୍‌ଲାଗି ଇ ସମିଆ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍-୨୦୨୫ ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ସର୍‌କାର୍‌ଙ୍କର୍ ତର୍‌ଫୁ କରାଯାଇଥିବା ଜିରୋ କାଜୁଆଲ୍‌ଟିଥି କେନ୍‌ସି ପ୍ରକାର୍‌ର ସାଲିସ୍ ନାଇଁ କରାଯାଏ । ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ବିଭାଗ୍ ନିଜର୍ ନିଜର୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି କାମ୍ କଲେ ବିପର୍ଯ୍ୟୟର୍ ସଫଲ୍ ମୁକାବିଲା କରିହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

## ରାଜ୍ୟପାଲ୍-ଉପମୁଖ୍ୟମନ୍ତ୍ରୀ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି - ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ତାକର୍ ବାସଭବନ୍ ନ ସୌଜନ୍ୟମୂଲକ୍ ସାକ୍ଷାତ୍କାର୍ କରିଛନ୍ । ଇ ସମିଆଥି ରାଜ୍ୟପାଲ୍ ଆଉ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର୍ ବିକାଶ୍ ଲାଗି ଯୋଜ୍ନା, ଶକ୍ତିକ୍ଷେତ୍ର ନ ସଂସ୍କାର୍ ଆଉ ଚାଷ୍ କ୍ଷେତ୍ରଥି ବିକାଶ୍ ଲାଗି ନିଆଯାଇଥିବା ପଦକ୍ଷେପ୍ ବାବ୍ଦେ ଆଲୋଚନା କରିଥିଲେ ।

## ଇଭି ନୀତି -ଟୁ ପଏଂଟ୍ -ଓ I&PR

ରାଏଜେ ସ୍ୱଚ୍ଛ ଆଉ ସ୍ଥାୟୀ ଗତିଶୀଳତା ଦିଗେ ଗୁଟେ ମୁଖିଆ ପଦକ୍ଷେପ୍ ଭାବେ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଆଉ ଶକ୍ତି ବିଭାଗ୍ ମିଲିତ୍ ଭାବେ ଓଡ଼ିଶା ବୈଦ୍ୟୁତିକ ଯାନ - ଇଭି ନୀତି -ଟୁ ପଏଂଟ୍ -ଓ  ଉପ୍ରେ ବିଚାର୍ କର୍ବାର୍ ଲାଗି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଛେ । ବୈଠକ୍ର ସୂଚ୍ନା ଅନ୍ସାରେ ଓଡ଼ିଶା ଇଭି ନୀତି -ଟୁ ପଏଂଟ୍- ଓ ଲାଗି ତୟାର୍ ଅଛେ ଆଉ ରାଜ୍ୟ ୨୦୩୬ ତକ୍ ୫୦ ପ୍ରତିଶତ୍ ବେଟ୍ରୀ ବୈଦ୍ୟୁତିକ ଯାନ ପଞ୍ଜିକରଣ୍ ଲକ୍ଷ୍ୟ ରଖିଛେ । ବୈଠକ୍ଥି ବାଣିଜ୍ୟ ଆଉ

ପରିବହନ୍ ବିଭାଗ୍ ପ୍ରମୁଖ ସଚିବ ଉଷା ପାଢ଼ୀ ଆଉ ଶକ୍ତି ବିଭାଗ୍ର ପ୍ରମୁଖ ସଚିବ ବିଶାଲ୍ କୁମାର୍ ଦେବ୍ ଅଧ୍ୟକ୍ଷତା କରିଥିଲେ ।

ନିଶା ନିବାରଣ୍ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ନିଶା କାର୍ବାର୍ ଆଉ ବେଆଇନ୍ ନିଶା ଚାଲାଣ୍କେ ରୁକ୍ବାର୍ ଲାଗି ଲୁକ୍କର୍ ଭିତ୍ରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟ୍ଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ନିଶା ନିବାରଣ ଦିବସ୍ । ମିଲିତ୍ ଜାତିସଂଘ ତର୍ଫୁ ୧୯୮୭ ମସିହାନୁ ମାଦକ ଦ୍ରବ୍ୟ ସେବନ୍ ଆଉ ଚୋରାଚାଲାଣ୍ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ନିଶା ନିବାରଣ୍ ଲାଗି ରାଜ୍ୟ ସର୍କାର୍ ଦିଶା ଯୋଜ୍ନା ଅଧୀନ୍ଥି ୧୧ ଟା ନିଶାମୁକ୍ତ କେନ୍ଦ୍ର ଥାପ୍ନା କରିଛନ୍ ଆଉ ଭବିଷ୍ୟତ୍ ନ ଫି ଜିଲ୍ଲା ନ ଇଟା ଥାପ୍ନା କର୍ବାର୍ ଲାଗି ଖାସ୍ ବ୍ୟବସ୍ଥା କରୁଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ନିଶା କରୁଥିବା ଲୋକ୍ମାନ୍କର୍ ଭିନ୍ ଭିନ୍ ସମସ୍ୟା ବାବ୍ଦେ ସଚେତନ୍ ହେବାର୍ ସହେତେ ସମାଜ୍ନୁ ସେମାନ୍କୁ ଦୂରେଇ ନାଇଁଦେଇକରି ସେମାନ୍କର୍ ପୁନର୍ବାସ ଆଉ ନିଶା ନିବାରଣ୍ କାମ୍ଥି ସାହାଜ୍ କର୍ମା ।

ସମ୍ବଲ୍ପୁର୍ ଡାଲୁଆ ଧାନ୍ ବିକ୍ରି ଆର୍ଏନ୍ୟୁ/ ସମ୍ବଲପୁର

ଇ ବଛର୍ ଡାଲୁଆ ଧାନ୍ ବିକ୍ରି ସମିଆଥି ସମ୍ବଲ୍‌ପୁର୍ ନ ହେଇଥିବା ଅଦିନିଆ ବର୍ଷା ଲାଗି ଚାଷୀମାନ୍‌କର୍ ନୁକ୍‌ସାନ୍ ବାବ୍‌ଦେ ରାଜସ୍ୱ ଆଉ କୃଷି ବିଭାଗ୍ ତର୍‌ଫୁ ସର୍ଭେ ରିପୋର୍ଟ ରାଜ୍ୟ ସର୍‌କାର୍‌ଙ୍କୁ ଦିଆଯାଇଛେ ଆଉ ଇଥିର୍‌ଲାଗି କ୍ଷତିପୂରଣ୍ ବାବଦ୍ ଟଙ୍କାକେ ଭିଲ୍ ସର୍‌କାର୍ ମଞ୍ଜୁର୍ କରିଛନ୍ । ଖୋବ୍ ଜଲ୍‌ଦି ତହସିଲ୍ ଜରିଏ ଚାଷୀମାନ୍‌କୁ କ୍ଷତିପୂରଣ୍ ଟଙ୍କା ଦିଆଯିବା ବଲି ଜିଲ୍ଲା ଜରୁରୀକାଲୀନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଦ୍ୟୁତ୍ ସୁରକ୍ଷା ସପ୍ତାହ                 ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦ୍ୟୁତ୍ ଆଉ ବୈଦ୍ୟୁତିକ୍ ଉପକରଣ୍‌ର ଠିକ୍ ଭାବେ ବେଭାର୍ କର୍‌ବାର୍ ସହେତେ ବିଦ୍ୟୁତ୍ ଆଘାତ୍‌ନୁ ବଂଚ୍‌ବାର୍ ଉଦ୍ଧେଶ୍ୟଥି ଆଏଜ୍‌ଠାନୁ ଜୁଲାଇ ୨ ତାରିଖ୍‌ତକ୍ ଶକ୍ତି ବିଭାଗ୍ ତର୍‌ଫୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଲନ୍ କରାହେବା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଆଏଜ୍ ଇଟା ଲଘୁଚାପ୍‌ର ରୂପ୍ ନେବା ।

ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ସମ୍ବଲ୍ପୁର୍, ସୁନ୍ଦର୍ଗଡ୍, କେନ୍ଦୁଝର୍ ଆଉ ମୟୁର୍ଭଞ୍ଜ୍ ଜିଲ୍ଲା ନ ଆଏଜ୍ ଅପର୍ବଲ୍ ବର୍ଷାକେ ନେଇକରି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଗଲାକାଏଲ୍ ଉପର୍ବେଲା ଭୁବ୍ନେଶ୍ୱର୍ ନ ୫୦ ଦଶ୍ମିକ୍ ୧ ମିଲିମିଟର୍, ବଲାଙ୍ଗିର୍ ନ ୪୬ ଦଶ୍ମିକ୍ ୫ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ ।